## ତହସିଲ କାର୍ଯ୍ୟାଳୟ, ରସୁଲପୁର

### ବିଜ୍ଞପ୍ତି ସଂଖ୍ୟା-୨୧୯୯/ତାରିଖ ୨୧.୧୨.୨୦୧୮

### ଦୀର୍ଘମିଆଦୀ ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ରସୁଲପୁର ତହସିଲ କାର୍ଯ୍ୟାଳୟର ନିମ୍ନଲିଖିତ ଲଘୁ ଖଣିଜ ଖାଦାନ ଗୁଡ଼ିକର ୨୦୧୮-୧୯ ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦୀ ଲିଜ୍ ବି.ବ୍ର.୫(ପାଞ୍ଚ) ବର୍ଷ ନିମନ୍ତେ ସଂଲଗ୍ନ ବିବରଣୀ ମୁତାବକ ତହସିଲଦାର, ରସୁଲପୁରଙ୍କ ଦ୍ୱାରା କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ OMMC(Amendment) Rules-2016 ର Form-A ପୂରଣକରି ଏହାର(୩)କିତା ନକଲ ସହ ନିମ୍ନଲିଖିତ ଦଲିଲ୍ ଦସ୍ତାବିଜ୍ ଜଉମୁଦ ଖୋଳ(Seal Cover) ରେ ଆସନ୍ତା ତା-୨୪।୧୨।୨୦୧୮ ଠାରୁ ତା-୦୮।୦୧।୨୦୧୯ ରିଖ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ RP with A.D/ Speed Post ରେ ପଠାଇବେ । ତାପରଦିନ ତା-୦୯।୧।୨୦୧୯ ରିଖ ଦିନ ଦିବା ୧୧:୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସଂପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ବାତିଲ କରାଯିବ । ଯଦି ସଇରାତଉସ ପାଇଁ ଆବେଦନ ପତ୍ର ଆଦୌ ମିଳିନଥିବ ତେବେ ଉକ୍ତ ସଇରାତଉସ ୨ୟ ଓ ୩ୟ ଦଫାରେ ଲିଜ ଆବେଦନ ଦରଖାସ୍ତ ଗ୍ରହଣ କରିବାର ଶେଷ ତା-୧୦।୦୧।୨୦୧୯ ରିଖ ଏବଂ ତା-୧୭।୦୧।୨୦୧୯ ରିଖ ୧୨:୦୦ ଘଟିକା ଅଟେ । ୨ୟ ଓ ୩ୟ ଦଫାରେ ମିଳିଥିବା ଥିବା ସମସ୍ତ ଦରଖାସ୍ତକୁ ଲିଜ୍ ନିମନ୍ତେ ଯଥାକ୍ରମେ ତା-୧୧।୦୧।୨୦୧୯ ରିଖ ଏବଂ ତା-୧୮।୦୧।୨୦୧୯ ରିଖ ଦିବା ୧୨:୦୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । କୌଣସି କାରଣ ନ ଦର୍ଶାଇ ନିଲାମ ସ୍ଥଗିତ ବା ରଦ୍ଦ କରାଇବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

### ଦାଖଲ କରିବାକୁ ଥିବା ଦଲିଲ/ଦସ୍ତାବିଜ୍

୦୧. ଦରଖାସ୍ତ ମହସୁଲ (Fee) ସକାଶେ ୧୦୦୦/-(ଏକ ହଜାର) ଟଙ୍କାର ଟ୍ରେଜରୀ ଚାଲାଣ Head of Demand No-0853-Non-ferous mining and metallurgical Industries-102-Mineral Concession fee rent and Royalty ରେ କରିବେ (Non-Refundable) ।

୦୨. ଆବେଦନ କରିଥିବା ଲିଜଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୩. କୌଣସି Mining ପାଉଣା ବକେୟା ନଥିବା ନେଇ ଏକ ସତ୍ୟପାଠ (Affidavit) ।

୦୪. ଆବେଦନକାରୀଙ୍କ Solvency ପ୍ରମାଣ ପତ୍ର, ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସଂପତ୍ତିର ବିବରଣୀ ।

୦୫. ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି ।

୦୬. VAT/GST Clearance Certificate ର ନକଲ ।

| କ୍ର ନଂ | କେସ୍ ନଂ | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ସଇରାତ ଉତ୍ସର ନାମ | | | | ସର୍ବନିମ୍ନ ରୟାଲଟି ମୂଲ୍ୟ (per Cu.M) |
|---|---|---|---|---|---|---|---|---|
| | | | | ଖାତା ନଂ | ପ୍ଲଟ୍ ନଂ | ରକବା (ହେକ୍ଟର) | କିସମ | |
| ୧ | ୧/୨୦୧୬-୧୭ | ବ୍ରାହ୍ମଣୀ ନଦୀ ବାଲିଘାଟ | ଭଗତପୁର | ୩୭୮ (ଆ.ଯୋ.ଅ.) | ୧୪୪୩ | ଏ.୧୫.୦୦ | ନଦୀ | ରୟାଲଟି- ଟ.୩୫.୦୦ ଓ ଅତିରିକ୍ତ ଦେୟ ଟ.୨୫.୦୦ ତତ୍ ସହିତ Surface Rent, Dead Rent, IT, DMF Fund, EM Fund |
| ୨ | ୨/୨୦୧୬-୧୭ | ବ୍ରାହ୍ମଣୀ ନଦୀ ବାଲିଘାଟ | ନୁଆହାଟ | ୪୦୦(ଆ.ଯୋ.ଅ.) | ୮୮୪ | ଏ.୧୫.୦୦ | ନଦୀ | -do- |
| ୩ | ୩/୨୦୧୬-୧୭ | ବ୍ରାହ୍ମଣୀ ନଦୀ ବାଲିଘାଟ | ବ୍ରାହ୍ମଣବାଡ଼ | ୩୩୬ (ଆ.ଯୋ.ଅ.) | ୧ | ଏ.୧୪.୦୦ | ନଦୀ | -do- |
| ୪ | ୪/୨୦୧୬-୧୭ | ବ୍ରାହ୍ମଣୀ ନଦୀ ବାଲିଘାଟ | ମାନପୁର | ୨୦୨ (ଆ.ଯୋ.ଅ.) | ୮୩୪ | ଏ.୧୦.୦୦ | ନଦୀ | -do- |
| ୫ | ୫/୨୦୧୬-୧୭ | ଖରସ୍ରୋତା ନଦୀ ବାଲିଘାଟ | ସାନତ୍ରିଲୋଚନପୁର | ୩୨୯ (ଆ.ଯୋ.ଅ.) | ୯୪୨ | ଏ.୦୫.୦୦ | ନଦୀ | -do- |
| ୬ | ୬/୨୦୧୬-୧୭ | ଖରସ୍ରୋତା ନଦୀ ବାଲିଘାଟ | ସରିଫାବାଦ | ୧୭୮ (ଆ.ଯୋ.ଅ.) | ୪୦୦ | ଏ.୦୭.୦୦ | ନଦୀ | -do- |
| ୭ | ୭/୨୦୧୬-୧୭ | ବ୍ରାହ୍ମଣୀ ନଦୀ ବାଲିଘାଟ | କାଦପୁର | ୬୮୨ (ଆ.ଯୋ.ଅ.) | ୨ | ଏ.୧୦.୦୦ | ନଦୀ | -do- |
| ୮ | ୮/୨୦୧୬-୧୭ | ବ୍ରାହ୍ମଣୀ ନଦୀ ବାଲିଘାଟ | ବ୍ରହ୍ମବରଦା | ୪୨୫ (ଆ.ଯୋ.ଅ.) | ୩୫୩୭ | ଏ.୦୪.୩୦ | ନଦୀ | -do- |

ଉପରୋକ୍ତ ସଇରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଯାଜପୁର ଜିଲ୍ଲାର Web Site(www.jajpur.nic.in) ରେ ଉପଲବ୍ଧ ଅଟେ ।

21-12-18

ତହସିଲଦାର, ରସୁଲପୁର

# ସର୍ତ୍ତାବଳୀ

୦୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୦୪ ଏବଂ ଓଡିଶା ଲଘୁ ଖଣିଜ ରିହାତି(ସଂଶୋଧନ) ନିୟମ ୨୦୧୬ ପରିସରଭୁକ୍ତ ରହିବେ ।

୦୨. ଲିଜପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ନିଲାମ ଅଂଶ ଗ୍ରହଣ କରିବେ । ଯେଉଁ ଲଘୁଖଣିଜ ଦ୍ରବ୍ୟ ଉପରୁଡିକ ସରକାରୀ ରାସ୍ତା ନାହିଁ, ସେଥିରେ ଲିଜରେ ନେଇଥିବା ବ୍ୟକ୍ତି ଉତ୍ସ ଗୁଡିକୁ ଗମନା ଗମନର ବ୍ୟବସ୍ଥା ନିଜ ଦାୟିତ୍ୱରେ କରିବେ ।

୦୩. ଲିଜରେ ଲଘୁ ଖଣିଜ ଦ୍ରବ୍ୟର ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଏହାର ପରିଚାଳନା ଦାୟିତ୍ୱ ସଂମ୍ପୂର୍ଣ୍ଣ ରୂପେ ଲିଜଧାରୀଙ୍କର ।

୦୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୦୫. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜଧାରୀମାନେ ଆନୁପାତିକ ଭାବେ ବହନ କରିବେ ।

୦୬. ସର୍ବୋଚ୍ଚ ନିଲାମଧାରୀ ଦୁଇ ମାସ ମଧ୍ୟରେ Mining Plan and Environmental Clearance ନିଜ ଖର୍ଚ୍ଚରେ ପେଠ କରିବେ ଅନ୍ୟଥା ସେ ପେଠ କରିଥିବା ଅମାନତ ରାଶି ବାଜ୍ୟାପ୍ତ କରାଯିବ ଏବଂ ୨ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୦୭. Mining Plan ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି ପରିବେଶ ମଞ୍ଜୁର(Environmental Clearance) ଆଣିସାରିଲା ପରେ ପେଠ କରିବେ । ସଂମ୍ପୂର୍ଣ୍ଣ ରାଶି ପେଠ ହେଲାପରେ ଲିଜ ଧାରୀ(Registration Act-1908) ଏବଂ Act-1999 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Deed) ସଂମ୍ପାଦନ କରିବେ ।

୦୮ ଉପରୋକ୍ତ ୭ ନଂ ପଏଣ୍ଟରେ ଧାର୍ଯ୍ୟ ହୋଇଥିବା ରୟାଲଟି ଓ ଅନ୍ୟାନ୍ୟ ସରକାରୀ ଦେୟର ୧୦% ରାଶି ସର୍ବୋଚ୍ଚ ନିଲାମ ଧାରୀ ସେହିଦିନ ତତକ୍ଷଣାତ୍ ନଗଦ ଟଙ୍କା କିମ୍ବା DD ଆକାରରେ ପେଠ କରିବେ ଅନ୍ୟଥା ୨ୟ ସର୍ବୋଚ୍ଚ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

୦୯. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ Mining Plan ଓ ପରିବେଶ ମଞ୍ଜୁରୀ ଦାଖଲ ନ କଲେ ଅମାନତ ବାଜ୍ୟାପ୍ତ କରାଯିବ ।

୧୦. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟୀତ୍ୱ ହାସଲ କରିବେ ।

୧୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପେଠ ହୋଇଥିବା ଜମା ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୨. ଲିଜଧାରୀ ସୈରାତଉପର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟଦ୍ୱାରା ବାଡବନ୍ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସଇରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁର କାର୍ଯ୍ୟ ସମ୍ପାଦନର ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେବାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ କୌଣସି ଲିଜଧାରୀ କୌଣସି ସଇରାତ ଉତ୍ସରୁ ଖଣିଜ ଉଠାଇପାରିବେ ନାହିଁ ।

୧୪. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହାର ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୫. ଜମା ରୟାଲଟି ୨%( ଦୁଇ ପ୍ରତିଶତ) ଲିଜଧାରୀ ଆୟକର ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୧୬. ଜମା ରୟାଲଟି ୧୦%(ଦଶ ପ୍ରତିଶତ) ଲିଜଧାରୀ ଜିଲ୍ଲା ଚେୟାରମ୍ୟାନ, ଜିଲ୍ଲା ମିନାରାଲ ଫାଉଣ୍ଡେସନ ଫଣ୍ଡ ବାବଦକୁ ଜମା କରିବେ ।

୧୭. ଲିଜ ର ସମସ୍ତ ସର୍ତ୍ତାବଳୀ ପାଳଣ କରୁଥିବା ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନ କାରୀଙ୍କୁ ଲିଜ ଦିଆଯିବ ।

୧୮. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଦରଖାସ୍ତକାରୀ ଲିଜ ନ ନେଲେ ତତ୍ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୯. ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ମାନଙ୍କର Form-A ଖାରଜ କରାଯିବ ।

୨୦. କୌଣସି ଆବେଦନକାରୀ/ଲିଜଧାରୀ କୌଣସି ନିୟମ ଖିଲାପ କଲେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସେସମ୍ପର୍କରେ ଅନରିଜ୍ଞ ଥିବାର କୌଣସି ଯୁକ୍ତି କିମ୍ବା ଆବେଦନ ଗ୍ରହଣୀୟ ନୁହେଁ ।

୨୧.୧୨.୧୮

ତହସିଲଦାର, ରସୁଲପୁର